# ବାର୍ଷିକ କାର୍ଯ୍ୟାବଳୀ ବିବରଣୀ

## (୨୦୨୪ – ୨୦୨୫)




### ଓଡ଼ିଶା ସରକାର

### ସୂଚନା ଓ ଲୋକସମ୍ପର୍କ ବିଭାଗ

# ବାର୍ଷିକ କାର୍ଯ୍ୟାବଳୀ ବିବରଣୀ

## (୨୦୨୪ – ୨୦୨୫)

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା

# ସୂଚୀପତ୍ର


| କ୍ର.ସଂ. | ବିଷୟ | ପୃ.ସଂ. |
|---|---|---|
| ୦୧ | ଉପକ୍ରମଣିକା | ୦୧ |
| ୦୨ | ଆଭିମୁଖ୍ୟ | ୦୧ |
| ୦୩ | କାର୍ଯ୍ୟବିଧି | ୦୨ |
| ୦୪ | ସାଂଗଠନିକ ରୂପରେଖ | ୦୨ |
| ୦୫ | ଉପବିଭାଗ ଓ ସେମାନଙ୍କ କାର୍ଯ୍ୟାବଳୀ | ୦୩ |
| ୦୬ | ଯୋଜନା ଓ କାର୍ଯ୍ୟକ୍ରମ | ୦୬ |
| ୦୭ | ଆଇନ, ନିୟମ ଓ ନୀତି | ୦୬ |
| ୦୮ | ମାନବ ସମ୍ବଳ ପରିଚାଳନା | ୦୬ |
| ୦୯ | ହିସାବ ସମୀକ୍ଷା ଓ ଯାଞ୍ଚ | ୦୭ |
| ୧୦ | ସୂଚନା ଅଧିକାର | ୦୭ |
| ୧୧ | ସ୍ୱତନ୍ତ୍ର ଉତ୍ସବ ପାଳନ | ୦୮ |
| ୧୨ | ହୋର୍ଡ଼ିଂ | ୧୦ |
| ୧୩ | ପ୍ରଦର୍ଶନୀ ଆୟୋଜନ | ୧୧ |
| ୧୪ | ଦୃଶ୍ୟ-ଶ୍ରାବ୍ୟ ପ୍ରଚାର | ୧୩ |
| ୧୫ | ସାମ୍ବାଦିକ କଲ୍ୟାଣ | ୧୪ |
| ୧୬ | ପ୍ରକାଶନ | ୧୫ |
| ୧୭ | ଡିଜିଟାଲ ଅଭିଲେଖକରଣ | ୧୬ |
| ୧୮ | ମୁଦ୍ରିତ ଗଣମାଧ୍ୟମକୁ ବିଜ୍ଞାପନ | ୧୬ |
| ୧୯ | ସାମାଜିକ ଗଣମାଧ୍ୟମ | ୧୭ |
| ୨୦ | ସୂଚନା କେନ୍ଦ୍ର ଓ ପାଠାଗାର | ୧୮ |
| ୨୧ | ଫଟୋ, ଭିଡିଓ ଓ ବାର୍ତ୍ତା ରେକର୍ଡିଂ ସେବା | ୧୮ |
| ୨୨ | ପ୍ରେସ୍ ସୂଚନା ସେବା | ୧୮ |
| ୨୧ | ସମ୍ପାଦକଙ୍କ ଗୋଲଟେବୁଲ ବୈଠକ | ୨୦ |
| ୨୨ | ଆର୍ଥିକ ବର୍ଷ ୨୦୨୫-୨୬ ବ୍ୟୟ ବରାଦ ସମ୍ପର୍କିତ ସଂକ୍ଷିପ୍ତ ବିବରଣୀ | ୨୧ |
| ୨୩ | ୨୦୨୩-୨୪, ୨୦୨୪-୨୫ ଓ ୨୦୨୫-୨୬ ବ୍ୟୟ ବରାଦର ତୁଳନାତ୍ମକ ବିବରଣୀ | ୨୪ |

## ଉପକ୍ରମଣିକା

ଗୃହ ବିଭାଗର ଏକ ଅଂଶ ରୂପେ ୧୯୫୦ ମସିହାରେ ଗୃହ(ଲୋକସମ୍ପର୍କ) ନାମରେ ଗଠିତ ଏହି ବିଭାଗ, ୧୯୭୮ ମସିହା ଜୁଲାଇ ୮ ତାରିଖରେ ଗୃହ ବିଭାଗରୁ ବିଛିନ୍ନ ହୋଇ ସୂଚନା ଓ ଲୋକସମ୍ପର୍କ ବିଭାଗ ନାମରେ ଏକ ସ୍ୱତନ୍ତ୍ର ବିଭାଗ ଭାବେ କାର୍ଯ୍ୟ ଆରମ୍ଭ କରିଥିଲା ।




## ଆଭିମୁଖ୍ୟ

ଓଡ଼ିଶା ସରକାରଙ୍କ ଅନ୍ୟତମ ପ୍ରମୁଖ ବିଭାଗ ଭାବେ ବିବେଚିତ ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା, କାର୍ଯ୍ୟକ୍ରମ ଆଦିକୁ ସୂଚନା-ଶିକ୍ଷା-ସଂଚାର ମାଧ୍ୟମରେ ସମାଜର ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ସହିତ ସରକାରଙ୍କ ପ୍ରତି ଲୋକଙ୍କ ସ୍ୱରକୁ ସରକାରଙ୍କ ନିକଟରେ ସଫଳତାର ସହିତ ଉପସ୍ଥାପନ କରି ନାଗରିକ ଏବଂ ସରକାରଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହି ବହୁମୁଖୀ ପରିଭାଷିତ ଉଦ୍ଦେଶ୍ୟକୁ ବିଭାଗ ନିମ୍ନମତେ ସାଧିତ କରିଥାଏ ।

କ) ପ୍ରଭାବଶାଳୀ ଓ ସୃଜନାତ୍ମକ ଶୈଳୀରେ ଯୋଜନାଗୁଡ଼ିକର ପ୍ରଚାର-ପ୍ରସାର ପାଇଁ ବିଭିନ୍ନ ବିଭାଗ ସହିତ ସମନ୍ୱୟ ସ୍ଥାପନ କରିବା;

ଖ) ଲୋକଙ୍କ ଅଭାବ ଅସୁବିଧା ସମ୍ପର୍କରେ ଗଣମାଧ୍ୟମରେ-ପ୍ରସାରିତ ଖବର ସମ୍ପର୍କରେ ସରକାରଙ୍କୁ ଅବଗତ କରାଇବା;

ଗ) ସମ୍ପ୍ରତି ହୋର୍ଡିଂ, ଡିଜିଟାଲ ୱାଲ ପେଣ୍ଟିଂ, ଗୋଷ୍ଠୀ ବେତାର କେନ୍ଦ୍ର, ଚଳଚ୍ଚିତ୍ର ପ୍ରେକ୍ଷାଳୟ ଏବଂ ଭିଡିଓ ୱାଲ ଭଳି ପ୍ରଚାର-ପ୍ରସାର ମାଧ୍ୟମ ପ୍ରଭାବଶାଳୀ ସାବ୍ୟସ୍ତ ହେଉଥିବାରୁ, ସରକାରଙ୍କ ଯୋଜନା ଓ କାର୍ଯ୍ୟକ୍ରମ ଗୁଡିକୁ ସକାରାତ୍ମକ ଢାଞ୍ଚାରେ ପ୍ରଦର୍ଶିତ କରିବା ପାଇଁ ବିମାନବନ୍ଦର ଓ ଦେଶର ପ୍ରମୁଖ ସ୍ଥାନ ସମେତ ମୁଦ୍ରିତ, ବୈଦ୍ୟୁତିକ ଓ ଡିଜିଟାଲ ମାଧ୍ୟମ ଜରିଆରେ ସୂଚନା ଉପସ୍ଥାପିତ କରିବା;

ଘ) ମୂଲ୍ୟବାନ ଓ ସୃଜନଶୀଳ ବିଷୟର ଉପଲବ୍ଧତାରେ ବିଭାଗକୁ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ବୃତ୍ତଚିତ୍ର ଏବଂ ଦୃଶ୍ୟ-ଶ୍ରାବ୍ୟ ବିଜ୍ଞାପନର ରୂପକଳ୍ପ ପ୍ରସ୍ତୁତ କରିବା;

ଙ) ଜାତୀୟ ଏବଂ ପ୍ରାଦେଶିକ ଗୁରୁତ୍ୱ ବହନ କରୁଥିବା ଉତ୍ସବ ସମୂହକୁ ମହାସମାରୋହର ସହିତ ପାଳନ କରିବା;

ଚ) ଗଣମାଧ୍ୟମ ଓ ସାମ୍ବାଦିକମାନଙ୍କ ସହଯୋଗରେ ସରକାରୀ ବାର୍ତ୍ତାର ଫଳପ୍ରଦ ପ୍ରସାରଣ ଏବଂ ସଫଳ ସୂଚନା-ଶିକ୍ଷା-ସଂଚାର ସହିତ କାର୍ଯ୍ୟରତ ସାମ୍ବାଦିକମାନଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ବିଭିନ୍ନ କଲ୍ୟାଣମୂଳକ ପଦକ୍ଷେପ ନେବା;

ଛ) ସୂଚନା ଅଧିକାର ଆଇନକୁ ସଫଳ ଭାବେ ପରିଚାଳନା କରିବା ଉଦ୍ଦେଶ୍ୟରେ ସୂଚନା ଅଧିକାର ପୋର୍ଟାଲର ନିରବଚ୍ଛିନ୍ନ ଓ ସୁଗମ ଅନ୍-ଲାଇନ୍ ଉପଯୋଗ, ଇ-ଫାଇଲିଂ ଏବଂ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କ ସ୍ତରରେ ଥିବା ମାମଲାଗୁଡିକର ଇ-ସମାଧାନ ପାଇଁ ବ୍ୟବସ୍ଥା ଓ ପଦକ୍ଷେପ ନେବା

## କାର୍ଯ୍ୟବିଧି

**କେନ୍ଦ୍ର ବିଷୟ ସମୂହ**

01- *ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ପ୍ରସାରଣ ଓ ଦୂର ସଞ୍ଚାର*

02- *ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଚଳଚ୍ଚିତ୍ର ପ୍ରଭାଗ ସହଯୋଗରେ ଓଡ଼ିଶା ସମ୍ପର୍କିତ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ*

03- *ସୂଚନା ଅଧିକାର ଆଇନ-୨୦୦୫*

**ରାଜ୍ୟ ବିଷୟ ସମୂହ**

01- *ସରକାରଙ୍କ ଜନହିତକର କାର୍ଯ୍ୟାବଳୀର ପ୍ରଚାର ପ୍ରସାର ସମେତ ସୂଚନାପ୍ରଦ ଏବଂ ଶିକ୍ଷାମୂଳକ ତଥ୍ୟ ସମ୍ବଳିତ ପୁସ୍ତିକା ପ୍ରକାଶନ, ପ୍ରେସ୍ ନୋଟ୍, ବିଜ୍ଞାପନ, ଓଡ଼ିଶା ସରକାରଙ୍କ ପ୍ରମୁଖ କାର୍ଯ୍ୟକଳାପର ମାସିକ ସାରାଂଶ, ପାକ୍ଷିକ ପ୍ରେସ୍ ରିପୋର୍ଟ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ସମ୍ପାଦନା ଓ ପ୍ରକାଶନ*

02- *ବିଭାଗଗୁଡ଼ିକ ପାଇଁ ଖବରକାଗଜରେ ପ୍ରକାଶିତ ସମ୍ବାଦ ଗୁଡ଼ିକର ଉଦ୍ଧୃତାଂଶ ଓ ଅନୁବାଦ*

03- *ଇଣ୍ଡିଆନ୍ ଲ' ରିପୋର୍ଟର ସର୍ଭିସ ବ୍ୟତୀତ ଅନ୍ୟ ସରକାରୀ ପ୍ରକାଶନ ନିୟନ୍ତ୍ରଣ ଏବଂ ସରକାରୀ ଅଧିକାରୀ ଏବଂ ଜନସାଧାରଣଙ୍କୁ ଯୋଗାଣ*

04- *ଓଡ଼ିଶାରୁ ପ୍ରକାଶିତ ଖବରକାଗଜ ଓ ପତ୍ରିକା ସମ୍ପର୍କିତ ମାସିକ ଏବଂ ବାର୍ଷିକ ବିବରଣୀ*

05- *ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିନସ୍ଥ ପଠନାଗାର ଗୁଡିକର ନିୟନ୍ତ୍ରଣ ଓ ପରିଚାଳନା*

06- *ସରକାରୀ ବିଭାଗ ଗୁଡ଼ିକ ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରଦର୍ଶନୀ ଆୟୋଜନ*

07- *ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ଜାତୀୟ ସପ୍ତାହ, ଇତ୍ୟାଦିର ଆୟୋଜନ ଓ ପାଳନ*

08- *ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧୀନରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ନିୟନ୍ତ୍ରଣ*


09- *ନୂଆ ରାଜଧାନୀ ଏବଂ ପୁରୀ ବ୍ୟତୀତ ବିଭାଗ ଦ୍ୱାରା ଅଧିକୃତ ସମସ୍ତ ସୌଧର ପ୍ରଶାସନିକ ଦାୟିତ୍ୱ*

10- *ଖବରକାଗଜ, ପୁସ୍ତକ ଏବଂ ମୁଦ୍ରଣ ପ୍ରେସର ନିୟନ୍ତ୍ରଣ*

## ସାଂଗଠନିକ ରୂପରେଖ

ବିଭାଗର କ୍ଷେତ୍ର ପ୍ରତିଷ୍ଠାନ ଭାବେ ୫୮ଟି ଉପଖଣ୍ଡ, ୩୨ଟି ଜିଲ୍ଲା(ରାଉରକେଲା ଓ ଭୁବନେଶ୍ୱର ସମେତ) ଏବଂ ୩ଟି ଡିଭିଜନ କାର୍ଯ୍ୟ କରୁଛି । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ଲୋକସମ୍ପର୍କ ଉପଖଣ୍ଡ ଗୁଡିକର ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ଲୋକସମ୍ପର୍କ ଜିଲ୍ଲାର ମୁଖ୍ୟ ଅଟନ୍ତି । ନିକଟ ଅତୀତରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନଙ୍କର ମାନ୍ୟତା ଓସୁସେ-୨ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନଙ୍କର ମାନ୍ୟତା

ଓସୂସେ-୧ (କନିଷ୍ଠ) ବୋଲି ଘୋଷଣା କରାଯାଇଛି । ଏହା ବ୍ୟତୀତ, ସୂଚନା ଓ ଲୋକସମ୍ପର୍କ ବିଭାଗରେ ୧୭ଟି ଉପ-ନିର୍ଦ୍ଦେଶକ, ୫ଟି ଯୁଗ୍ମ ନିର୍ଦ୍ଦେଶକ, ୨ଟି ଅତିରିକ୍ତ ନିର୍ଦ୍ଦେଶକ ଏବଂ ଗୋଟିଏ ନିର୍ଦ୍ଦେଶକ (ବୈଷୟିକ) ପଦବୀ ରହିଛି ।




## ଉପବିଭାଗ ଓ ସେମାନଙ୍କ କାର୍ଯ୍ୟାବଳୀ

| ଶାଖା / ଉପ-ବିଭାଗ | କାର୍ଯ୍ୟାବଳୀ |
|---|---|
| କାର୍ଯ୍ୟାଳୟ ସଂସ୍ଥାନ (୧ ଓ ୨) | • ସେବା ନିଯୁକ୍ତି ନିୟମ ପ୍ରସ୍ତୁତି ଏବଂ ସଂଶୋଧନ<br>• ପଦୋନ୍ନତି ବିଷୟ<br>• ନିଯୁକ୍ତି ସମ୍ବନ୍ଧୀୟ ବିଷୟ<br>• କର୍ମଚାରୀଙ୍କ ସ୍ଥାନାନ୍ତର ଏବଂ ନିଯୁକ୍ତି<br>• ପେନସନ୍ ସୁବିଧା ମଞ୍ଜୁର |

| ଶାଖା / ଉପ-ବିଭାଗ | କାର୍ଯ୍ୟାବଳୀ |
|---|---|
| | • ବିଭାଗର ଅଧିକାରୀମାନଙ୍କ ତାଲିମ<br>• ବିଭିନ୍ନ ଅଗ୍ରିମ ମଞ୍ଜୁର<br>• ବିଭାଗ ଅଧୀନରେ କୋଠା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ<br>• ଆକସ୍ମିକ ଖର୍ଚ୍ଚ<br>• ସମ୍ମିଳନୀ ହଲର ରକ୍ଷଣାବେକ୍ଷଣ, ଟେଲିଫୋନ ବିଲ୍ ପ୍ରଦାନ |
| ଗୋପନୀୟ | • କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ରିପୋର୍ଟ/ବ୍ୟକ୍ତିଗତ ଚରିତ୍ର ପଞ୍ଜିକା ପରିଚାଳନା<br>• ବିଭାଗର ଅଧିକାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ<br>• ବିଭାଗର ଦୁର୍ନୀତି ନିବାରଣ ସମ୍ପର୍କିତ ମାମଲା |
| ସଂଯୋଜନା | • ବିଧାନସଭା ବିଷୟ<br>• ସମସ୍ତ ସଚିବ/ସ୍ୱତନ୍ତ୍ର ସଚିବଙ୍କ  ବୈଠକ<br>• ବିଭାଗର ଅଭିଯୋଗ ପରିଚାଳନା<br>• ବୁକ୍ ସର୍କୁଲାର୍ -୪୭ |
| ଯାନବାହାନ | • ଯାନବାହାନର କ୍ରୟ, ମରାମତି ଏବଂ ରକ୍ଷଣାବେକ୍ଷଣ<br>• ଇନ୍ଧନ ବିଲ୍ କାର୍ଯ୍ୟ ପ୍ରକ୍ରିୟା<br>• ପୁରୁଣା ଯାନବାହାନର ଅକାମୀ ଘୋଷଣା<br>• ଆବଶ୍ୟକସ୍ଥଳେ ବାଣିଜ୍ୟିକ ଯାନ ଭଡା ସୂତ୍ରରେ ଆଣିବା |
| ଅର୍ଥ | • ବାର୍ଷିକ ଏବଂ ପରିପୂରକ ବଜେଟ୍ ପ୍ରସ୍ତୁତି<br>• ପାଣ୍ଠିର ପୁନଃନିରୂପଣ ଏବଂ ସମର୍ପଣ<br>• ବ୍ୟୟ ମଞ୍ଜୁର<br>• ଷ୍ଟାଣ୍ଡିଂ କମିଟି ରିପୋର୍ଟ ପ୍ରସ୍ତୁତି<br>• ଆଭ୍ୟନ୍ତରୀଣ ହିସାବ ସମୀକ୍ଷା ଏବଂ ଓ ସିଏଜି ବିଷୟ |
| ହିସାବ (୧ ଓ ୨) | • ଦରମା, ପେନସନ୍  ଓ ଅଗ୍ରିମ ବିଲ୍ ପ୍ରସ୍ତୁତି<br>• ଗସ୍ତ ଓ ଛୁଟିକାଳୀନ ପରିଭ୍ରମଣ ରିହାତି  ବିଲ୍ ପ୍ରସ୍ତୁତି<br>• ଆୟକର ହିସାବ ଏବଂ ଫର୍ମ ୧୬ ପ୍ରସ୍ତୁତି<br>• ସେବା ପୁସ୍ତକ/ପଞ୍ଜିକା ତନଖି<br>• ମୋଟର ଯାନ ବିଲ୍<br>• ବିଜ୍ଞାପନ ବିଲ୍<br>• ଦ୍ରବ୍ୟ ଓ ସେବା ଉତ୍ସ ଏବଂ ଆୟ ଉତ୍ସରୁ ଟିକସ କାଟ ସମ୍ବନ୍ଧୀୟ ବିବରଣୀ |
| ସୂଚନା ପ୍ରଯୁକ୍ତି ପରିଚାଳନା | • କମ୍ପ୍ୟୁଟର ଏବଂ କମ୍ପ୍ୟୁଟର ସହିତ ବ୍ୟବହାର ଯୋଗ୍ୟ ସାମଗ୍ରୀ କ୍ରୟ<br>• କମ୍ପ୍ୟୁଟର ୟୁନିଟ୍ ପରିଚାଳନା<br>• ବିଭାଗ ଅଧୀନରେ ଇ-ଲାଇବ୍ରେରୀ କାର୍ଯ୍ୟାନ୍ୱୟନ<br>• ଆଉଟସୋର୍ସିଂ କର୍ମଚାରୀଙ୍କ ନିଯୁକ୍ତି<br>• ବିଭାଗର ଆଇଟି ସିଷ୍ଟମର ସୁଦୃଢୀକରଣ |

| ଶାଖା / ଉପ-ବିଭାଗ | କାର୍ଯ୍ୟାବଳୀ |
|---|---|
| ସୂଚନା ଅଧିକାର | • ସୂଚନା ଅଧିକାର ଆବେଦନ ଗ୍ରହଣ ଓ ସମାଧାନ ପାଇଁ ପ୍ରମୁଖ ବ୍ୟବସ୍ଥା<br>• ସୂଚନା ଅଧିକାରର ପ୍ରଥମ ଆପିଲ୍ ମାମଲା<br>• ସୂଚନା ଅଧିକାର ୱେବ୍ ପୋର୍ଟାଲର ରକ୍ଷଣାବେକ୍ଷଣ<br>• ରାଜ୍ୟ ସୂଚନା ଆୟୁକ୍ତଙ୍କ ନିଯୁକ୍ତି<br>• ଓଡିଶା ସୂଚନା ଆୟୋଗର ନିୟମିତ କର୍ମଚାରୀଙ୍କ ପଦୋନ୍ନତି ଏବଂ ଅନ୍ୟାନ୍ୟ ବିଷୟ |
| କ୍ଷେତ୍ର (୧ ଓ ୨) | • ସମସ୍ତ ରାଜ୍ୟସ୍ତରୀୟ ଉତ୍ସବ<br>• ସୂଚନା କେନ୍ଦ୍ର ଓ ପାଠାଗାର ସୁଦୃଢୀକରଣ<br>• ସରକାରୀ ଯୋଜନା/ନୀତି/କାର୍ଯ୍ୟକ୍ରମ ଆଦିର ପ୍ରଚାର<br>• ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡିଶାର ଅଂଶଗ୍ରହଣ<br>• ଗଣତନ୍ତ୍ର ଦିବସ ପ୍ରଜ୍ଞାପନ ମେଢ ପ୍ରସ୍ତୁତି<br>• ହୋର୍ଡିଂ |
| ମୁଦ୍ରିତ ଗଣମାଧ୍ୟମ | • ସାମ୍ବାଦିକଙ୍କ ପାଇଁ ସଚିବାଳୟ ଅନୁମତି ପତ୍ର/ ଯାନବାହନ ଅନୁମତି ପତ୍ର ଜାରି/ନବୀକରଣ<br>• ଅଧିସ୍ୱୀକୃତ ମାନ୍ୟତା ପ୍ରଦାନ ଓ ନବୀକରଣ<br>• ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ପ୍ରକାଶନ<br>• କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା<br>• ଦୁଃସ୍ଥ ସାମ୍ବାଦିକଙ୍କ ପାଇଁ ଆର୍ଥିକ ସହାୟତା ମଞ୍ଜୁର<br>• ରାଜ୍ୟର ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଉପରେ ପୁସ୍ତିକା ପ୍ରସ୍ତୁତ<br>• ରାଜ୍ୟ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ, ନୀତି, ଗୁରୁତ୍ୱପୂର୍ଣ୍ଣ ସଫଳତା, ଇତ୍ୟାଦି ସମ୍ପର୍କିତ ବିଜ୍ଞାପନ, ଲେଖା, ବାର୍ତ୍ତା ପ୍ରସ୍ତୁତି<br>• ଭାରତର ମାନ୍ୟବର ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶାର ମାନ୍ୟବର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାର ଓଡ଼ିଆ ଅନୁବାଦ<br>• ପ୍ରକାଶନର ଡିଜିଟାଇଜେସନ୍ ଓ ଅଭିଲେଖକରଣ |
| ଦୃଶ୍ୟ ଶ୍ରାବ୍ୟ ପ୍ରଚାର | • ଦୂରଦର୍ଶନ, ଆକାଶବାଣୀ, ଏଫଏମ ରେଡିଓ ଚ୍ୟାନେଲ, ୱେବ ମିଡିଆ ଏବଂ ଚଳଚ୍ଚିତ୍ର ପ୍ରେକ୍ଷାଳୟ ଗୁଡ଼ିକୁ ସରକାରୀ ବିଜ୍ଞାପନ ପ୍ରଦାନ<br>• ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସିଧା ପ୍ରସାରଣ/ପ୍ୟାନେଲ ଆଲୋଚନା<br>• ବିଶିଷ୍ଟ ବ୍ୟକ୍ତି/ସ୍ଥାନ ଇତ୍ୟାଦି ଉପରେ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ<br>• ପୁରୁଣା ଓ ମୂଲ୍ୟବାନ ପ୍ରାମାଣିକ ଓ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର, ଫଟୋ, ଭିଡିଓ କ୍ୟାସେଟ୍, ଅଡିଓ ରେକର୍ଡିଂ ଇତ୍ୟାଦିର ଡିଜିଟାଇଜେସନ୍ ଓ ଅଭିଲେଖକରଣ |

| ଶାଖା / ଉପ-ବିଭାଗ | କାର୍ଯ୍ୟାବଳୀ |
|---|---|
| ବିଜ୍ଞାପନ (୧, ୨ ଓ ୩) | • ମୁଦ୍ରିତ ଗଣମାଧ୍ୟମକୁ ସରକାରୀ ବିଜ୍ଞାପନ ପ୍ରକାଶନ<br>• ବିଜ୍ଞାପନ ନୀତି ପ୍ରସ୍ତୁତି<br>• ବିଜ୍ଞାପନ ବିଲ୍ ମଞ୍ଜୁରୀ |

## ଯୋଜନା ଓ କାର୍ଯ୍ୟକ୍ରମ

- ଗୋପବନ୍ଧୁ କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା- ୨୦୧୬ (୨୦୧୭, ୨୦୧୮ ଓ ୨୦୨୩ରେ ସଂଶୋଧିତ)

## ଆଇନ, ନିୟମ ଓ ନୀତି

- ଓଡ଼ିଶା ସୂଚନା ଅଧିକାର ନିୟମାବଳୀ-୨୦୦୬
- ଓଡ଼ିଶା ପ୍ରେସ୍ ଅଧିସ୍ୱୀକୃତି ନିୟମାବଳୀ-୧୯୯୪
- ଓଡ଼ିଶା ସରକାରଙ୍କ ବିଜ୍ଞାପନ ନୀତି-୧୯୯୮
- ଓଡ଼ିଶା କାର୍ଯ୍ୟରତ ସାମ୍ବାଦିକ କଲ୍ୟାଣ ପାଣ୍ଠି ନିୟମାବଳୀ-୨୦୦୬ (ସଂଶୋଧିତ ଏବଂ ଓଡ଼ିଶା ରାଜ୍ୟ କାର୍ଯ୍ୟରତ ସାମ୍ବାଦିକ କଲ୍ୟାଣ ପାଣ୍ଠି ନିୟମାବଳୀ-୨୦୨୦ ଭାବରେ ନାମିତ)
- ରାଜ୍ୟ ୱେବ୍ ମିଡିଆ ନୀତି-୨୦୧୭
- ଓଡ଼ିଶା ସୂଚନା ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ-୨୦୨୨
- ଓଡ଼ିଶା ସୂଚନା ଏବଂ ଲୋକସମ୍ପର୍କ ବୈଷୟିକ ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ-୨୦୨୪
- ଓଡ଼ିଶା ସୂଚନା ଏବଂ ଲୋକସମ୍ପର୍କ ବୈଷୟିକ ଏବଂ ଅଣ-ବୈଷୟିକ ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ-୨୦୧୫

## ମାନବ ସମ୍ବଳ ପରିଚାଳନା

➢ ସୂଚନା ଏବଂ ଲୋକସମ୍ପର୍କ ବିଭାଗରେ ବିଭିନ୍ନ ବର୍ଗରେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା, କାର୍ଯ୍ୟରତ କର୍ମଚାରୀ ସଂଖ୍ୟା ଓ ଖାଲି ଥିବା ପଦବୀ ସଂଖ୍ୟା ସମ୍ପର୍କିତ ତଥ୍ୟ

| ବର୍ଗ | ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା | କାର୍ଯ୍ୟରତ କର୍ମଚାରୀ ସଂଖ୍ୟା | ଖାଲି ଥିବା ପଦବୀ ସଂଖ୍ୟା |
|---|---|---|---|
| ବର୍ଗ-କ | ୧୦୭ | ୫୬ | ୫୧ |
| ବର୍ଗ-ଖ | ୩୦୭ | ୧୪୨ | ୧୬୫ |
| ବର୍ଗ-ଗ | ୩୩୮ | ୧୫୩ | ୧୮୫ |
| ବର୍ଗ-ଘ | ୨୯୮ | ୧୨୩ | ୧୭୫ |
| ମୋଟ | ୧୦୫୦ | ୪୭୪ | ୫୭୬ |

- ବିଭିନ୍ନ ସ୍ତରରେ ୫୭ଟି ପଦବୀ ସୃଷ୍ଟି ସହିତ ଓଡ଼ିଶା ସୂଚନା ସେବା କ୍ୟାଡର ପୁନର୍ଗଠିତ
- ବିଭାଗର ବୈଷୟିକ ଏବଂ ଅଣ-ବୈଷୟିକ ସେବା କ୍ୟାଡର ଅଧୀନରେ ୧୩ଟି ପଦବୀ ସୃଷ୍ଟି
- ୮ ଟି ପ୍ରକ୍ଷେପକ ଏବଂ ୧୮ ଟି ସଞ୍ଚାଳକ ପଦବୀର ପୁନର୍ଗଠନ କରାଯାଇ ୨୬ଟି ସହ-ସଞ୍ଚାଳକ ପଦବୀ ସୃଷ୍ଟି
- ୧୭ ଟି ପଦୋନ୍ନତି କମିଟି ବୈଠକ ମାଧ୍ୟମରେ ୩୬ ଜଣଙ୍କୁ ସେମାନଙ୍କର ପ୍ରାପ୍ୟ ପଦବୀକୁ ପଦୋନ୍ନତି
- ଖାଲିଥିବା ୩୯(ଅଣଚାଳିଶ) ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଦବୀ ପୂରଣ ଉଦ୍ଦେଶ୍ୟରେ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ୨୦୨୫ ମାର୍ଚ୍ଚ ୨୯ ଓ ୩୦ ତାରିଖରେ ଚୟନ ପରୀକ୍ଷା ଅନୁଷ୍ଠିତ
- ୯ଟି ଭିନ୍ନ ଭିନ୍ନ ବୈଷୟିକ କ୍ୟାଡରର ମୂଳ ସ୍ତରର ଖାଲିଥିବା ୪୬(ଛୟାଳିଶି) ପଦବୀ ପୂରଣ ପାଇଁ ଓଡିଶା ଅଧସ୍ଥନ କର୍ମଚାରୀ ଚୟନ ଆୟୋଗକୁ ପ୍ରସ୍ତାବ ପ୍ରେରିତ
- ଅନ୍ୟାନ୍ୟ ଅଣ-ବୈଷୟିକ କ୍ୟାଡରର ପୁନର୍ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ ଏବଂ ପୁନର୍ଗଠନ ପରେ ଖାଲି ପଦବୀ ପୂରଣ ପାଇଁ ପଦକ୍ଷେପ ଆରମ୍ଭ କରାଯିବ


## ହିସାବ ସମୀକ୍ଷା ଓ ଯାଞ୍ଚ

- ନିୟମାବଳୀର ଅନୁପାଳନ ସୁନିଶ୍ଚିତ କରିବା, ପରିଚାଳନା ଦକ୍ଷତାରେ ଉନ୍ନତି ଆଣିବା, ଉତ୍ତରଦାୟିତ୍ୱ ବଜାୟ ରଖିବା ଏବଂ ପ୍ରକ୍ରିୟା ଓ ଅଭ୍ୟାସଗୁଡିକର ଶୃଙ୍ଖଳିତ ମୂଲ୍ୟାଙ୍କନ କରି ସକ୍ରିୟ ଭାବରେ ସମସ୍ୟାର ସମାଧାନ କରିବା ପାଇଁ ଏହି ବିଭାଗର ହିସାବ ସମୀକ୍ଷା ଓ ନିରୀକ୍ଷଣ ୟୁନିଟ୍ କ୍ଷେତ୍ର କାର୍ଯ୍ୟାଳୟଗୁଡିକର ହିସାବ ସମୀକ୍ଷା କରିଛି ।
- ସେହିଭଳି, ଏହି ବିଭାଗ ଅଧୀନସ୍ଥ ୩୬ଟି କ୍ଷେତ୍ର କାର୍ଯ୍ୟାଳୟର DAR ଓ IR କୁ ନିୟମିତ କରିବା ପାଇଁ ବିଭାଗର ହିସାବ ସମୀକ୍ଷା ଓ ନିରୀକ୍ଷଣ ୟୁନିଟ୍ ତ୍ରିପାକ୍ଷିକ କମିଟି ବୈଠକ ସୂଚୀ ପ୍ରସ୍ତୁତ କରିଛି ଏବଂ ୩-୪ଟି କ୍ଷେତ୍ର କାର୍ଯ୍ୟାଳୟକୁ ଅନ୍ତର୍ଭୁକ୍ତ କରି ତ୍ରିପାକ୍ଷିକ ବୈଠକ ଗୁଡିକୁ ଆୟୋଜନ କରିଛି ।

| ଅନୁଷ୍ଠିତ ତ୍ରିପାକ୍ଷିକ କମିଟି ବୈଠକ | ତ୍ରିପାକ୍ଷିକ କମିଟି ବୈଠକ ପୂର୍ବରୁ ହିସାବ ସମୀକ୍ଷା ପରିଚ୍ଛେଦ ସଂଖ୍ୟା | ହିସାବ ସମୀକ୍ଷା ପରେ ଯୁକ୍ତ ପରିଚ୍ଛେଦ ସଂଖ୍ୟା | ସମାଧାନ ହୋଇଥିବା ପରିଚ୍ଛେଦ ସଂଖ୍ୟା | ସମାଧାନ ଅପେକ୍ଷାରେ ଥିବା ଅବଶିଷ୍ଟ ପରିଚ୍ଛେଦ ସଂଖ୍ୟା |
|---|---|---|---|---|
| ୧୦ | ୨୩୬ | ୧୯ | ୩୧ | ୨୨୪ |

## ସୂଚନା ଅଧିକାର

- ରାଜ୍ୟରେ ସୂଚନା ଅଧିକାର ଆଇନ-୨୦୦୫ କାର୍ଯ୍ୟକାରୀ କରିବାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନୋଡାଲ ବିଭାଗ ଭାବରେ କାର୍ଯ୍ୟ କରିଆସୁଛି । ତେଣୁ, ପୋର୍ଟାଲକୁ ଅଧିକ ଲୋକାଭିମୁଖୀ ଓ କ୍ରିୟାଶୀଳ କରିବା ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ସମୟୋଚିତ ପଦକ୍ଷେପ ଗ୍ରହଣ କରାଯିବା ସହିତ ସେସବୁକୁ କାର୍ଯ୍ୟକାରୀ କରାଯାଇଛି ।
- ସୂଚନା ଅଧିକାର ପୋର୍ଟାଲକୁ ଅଧୁନାତନ କରାଯାଇ ଏହାକୁ ଗ୍ରାମ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ପରିବ୍ୟାପ୍ତ କରାଯାଇଛି ।



- ସୂଚନା ଅଧିକାର ପୋର୍ଟାଲକୁ ବ୍ୟବହାରକାରୀ ଅନୁକୂଳ କରିବା ତଥା ସ୍ୱଚ୍ଛତା ଓ ସହଜ କରିବା ପାଇଁ ଅନେକ ଉନ୍ନତିମୂଳକ ପଦକ୍ଷେପ ଯଥା ତୁରନ୍ତ SMS, ସମସ୍ତ ଅଂଶୀଦାରଙ୍କୁ ଇ-ମେଲ୍ ଆଲର୍ଟ, ଇ-ଟ୍ରେଜେରୀ ଚାଲାଣ ମାଧ୍ୟମରେ ଇ-ପେମେଣ୍ଟ ଗେଟୱେକୁ ପୋର୍ଟାଲରେ ସଂଯୋଜିତ କରାଯାଇଛି ।
- ୨୦୨୪-୨୦୨୫ ଆର୍ଥିକ ବର୍ଷରେ ପ୍ରାୟ ୬୦୦୦ ସରକାରୀ କର୍ତ୍ତୃପକ୍ଷଙ୍କୁ ତାଲିମ ପ୍ରଦାନ କରାଯାଇଛି ।






## ସ୍ୱତନ୍ତ୍ର ଉତ୍ସବ ପାଳନ

- ବିଭିନ୍ନ ଜାତୀୟ ଦିବସ ଯଥା:- **ଓଡ଼ିଶା ଦିବସ**, **ଆମ୍ବେଦକର ଜୟନ୍ତୀ**, **ସ୍ୱାଧୀନତା ଦିବସ**, **ଗାନ୍ଧୀ ଜୟନ୍ତୀ**, **ଜାତୀୟ ପ୍ରେସ୍ ଦିବସ**, **ସାଧାରଣତନ୍ତ୍ର ଦିବସ**, ଇତ୍ୟାଦିକୁ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟ, ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ ଉତ୍ସାହ-ଉଦ୍ଦୀପନାର ସହିତ ପାଳନ କରାଯିବା ସଙ୍ଗେ ସଙ୍ଗେ ଭୁବନେଶ୍ୱର ଠାରେ **ରାଜଧାନୀ ପ୍ରତିଷ୍ଠା ଦିବସ**କୁ ମହାସମାରୋହର ସହିତ ପାଳନ କରାଯାଇଛି ।
- ବିଭାଗ ପକ୍ଷରୁ **ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ**କୁ **ପ୍ରଥମ ଥର** ପାଇଁ ସମଗ୍ର ରାଜ୍ୟରେ **ସୁଶାସନ ଦିବସ** ଭାବେ ପାଳନ କରାଯାଇଛି ।










- ସେହିପରି, ସରକାରଙ୍କ ପକ୍ଷରୁ ବିଭାଗ ଦ୍ୱାରା **ପ୍ରଥମ ଥର** ପାଇଁ **ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟତିଥି** ଏବଂ **ଦୀନଦୟାଲ ଉପାଧ୍ୟାୟ ଜୟନ୍ତୀ** ପାଳନ କରାଯାଇଛି ।





- ଓଡିଶାର ବିଭିନ୍ନ ମହାପୁରୁଷମାନଙ୍କର ଜୟନ୍ତୀ ଓ ପୁଣ୍ୟତିଥିକୁ ମଧ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଯଥାମାନ୍ୟ ପୂର୍ବକ ପାଳନ କରିଛି ।
- ସ୍ୱାଧୀନତା ସଂଗ୍ରାମ ସହିତ ଜଡିତ ପ୍ରମୁଖ ବ୍ୟକ୍ତିବିଶେଷ ଓ ଶହୀଦମାନଙ୍କ ଜୟନ୍ତୀ/ବଳିଦାନ ଦିବସ/ପୁଣ୍ୟତିଥି ଆଦିର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ବିଭାଗ ପକ୍ଷରୁ ସମ୍ପୃକ୍ତ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ପାଳନ କରାଯାଇଛି ।



- ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ **ହର ଘର ତ୍ରିରଙ୍ଗା** କାର୍ଯ୍ୟକ୍ରମ ମହା ଉତ୍ସାହର ସହିତ ପାଳିତ ହୋଇଥିଲା ।













- ସରକାରୀ ଯୋଜନାର ସୁଫଳ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ରାଜ୍ୟବ୍ୟାପୀ 19 ରୁ 22 ସେପ୍ଟେମ୍ବର, 2024 ପର୍ଯ୍ୟନ୍ତ ଏକ ବ୍ୟାପକ ଲୋକାଭିମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




## ହୋର୍ଡିଂ

- ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରମୁଖ ଯୋଜନା ଓ ସଚେତନତା ସୃଷ୍ଟିକାରୀ କାର୍ଯ୍ୟକ୍ରମ ଉପରେ ହୋର୍ଡିଂ ଲଗାଯାଇଛି ।
- ୨୦୨୪-୨୦୨୫ ଆର୍ଥିକ ବର୍ଷରେ **୩,୭୫୪** ସଂଖ୍ୟକ ହୋର୍ଡିଂ ଲଗାଯାଇଥିଲା ।

| କ୍ର. ସଂ. | ଅଭିଯାନ/କାର୍ଯ୍ୟକ୍ରମ | ସ୍ଥାୟୀ ହୋର୍ଡିଂ ପୋଷ୍ଟରେ ପ୍ରଦର୍ଶିତ ହୋର୍ଡିଂ ସଂଖ୍ୟା | ଅସ୍ଥାୟୀ ହୋର୍ଡିଂ ପୋଷ୍ଟରେ ପ୍ରଦର୍ଶିତ ହୋର୍ଡିଂ ସଂଖ୍ୟା | ପ୍ରଦର୍ଶିତ ମୋଟ ହୋର୍ଡିଂ ସଂଖ୍ୟା |
|---|---|---|---|---|
| ୦୧ | ହର୍ ଘର୍ ତିରଙ୍ଗା | ୧୦୦ | ୦ | ୧୦୦ |
| ୦୨ | ସରକାରୀ ଯୋଜନାର ଲୋକାଭିମୁଖୀ କାର୍ଯ୍ୟକ୍ରମ | ୧୫୫ | ୦ | ୧୫୫ |
| ୦୩ | ଆନ୍ତର୍ଜାତୀୟ ଯୋଗ ଦିବସ | ୧୦୦ | ୦ | ୧୦୦ |
| ୦୪ | ରଥ ଯାତ୍ରା | ୪୫୬ | ୦ | ୪୫୬ |
| ୦୫ | ଧାନ ସଂଗ୍ରହ କାର୍ଯ୍ୟକ୍ରମ | ୩୪୪ | ୦ | ୩୪୪ |

| କ୍ର. ସଂ. | ଅଭିଯାନ/କାର୍ଯ୍ୟକ୍ରମ | ସ୍ଥାୟୀ ହୋର୍ଡିଂ ପୋଷ୍ଟରେ ପ୍ରଦର୍ଶିତ ହୋର୍ଡିଂ ସଂଖ୍ୟା | ଅସ୍ଥାୟୀ ହୋର୍ଡିଂ ପୋଷ୍ଟରେ ପ୍ରଦର୍ଶିତ ହୋର୍ଡିଂ ସଂଖ୍ୟା | ପ୍ରଦର୍ଶିତ ମୋଟ ହୋର୍ଡିଂ ସଂଖ୍ୟା |
|---|---|---|---|---|
| ୦୬ | ଶିଶୁ ପ୍ରତିଭା ଉତ୍ସବ | ୪ | ୦ | ୪ |
| ୦୭ | ହରେକୃଷ୍ଣ ମହତାବ ଜୟନ୍ତୀ | ୦ | ୧୦ | ୧୦ |
| ୦୮ | ଆରକ୍ଷୀ ମହା ନିର୍ଦ୍ଦେଶକ ଓ ମହାନିରୀକ୍ଷକ ସମ୍ମିଳନୀ | ୦ | ୯ | ୯ |
| ୦୯ | ସୁଶାସନ ଦିବସ | ୦ | ୩୦ | ୩୦ |
| ୧୦ | ସୁଭଦ୍ରା | ୧,୪୯୨ | ୦ | ୧,୪୯୨ |
| ୧୧ | ପ୍ରବାସୀ ଭାରତୀୟ ଦିବସ | ୩୫୯ | ୧୫୦ | ୫୦୯ |
| ୧୨ | ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା | ୪୫୦ | ୯୫ | ୫୪୫ |
| ମୋଟ | | ୩,୪୬୪ | ୨୯୦ | ୩.୭୫୪ |



- ଏତଦ ବ୍ୟତୀତ, ଦେଶର ସମସ୍ତ ବିମାନ ବନ୍ଦର ମାନଙ୍କରେ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ ଗୁଡିକ ମଧ୍ୟ ହୋର୍ଡିଂ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା ।

## ପ୍ରଦର୍ଶନୀ ଆୟୋଜନ

୨୦୨୪-୨୦୨୫ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ଯୋଜନା, କାର୍ଯ୍ୟକ୍ରମ, ନୀତି ଓ ଉପଲବ୍ଧି ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏବଂ ମହାପୁରୁଷମାନଙ୍କ ଜୀବନାଦର୍ଶକୁ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉଭୟ ରାଜ୍ୟ ଓ ଜିଲ୍ଲା ସ୍ତରରେ ଫଟୋ ପ୍ରଦର୍ଶନୀ ଆୟୋଜନ କରାଯାଇଛି ।



ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡିଶା ଗଠନର ଘଟଣାବଳୀକୁ ନେଇ ଓଡିଶା ଦିବସ ଅବସରରେ ଜୟଦେବ ଭବନଠାରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ



୭୬ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରର ଅତୀତ ଓ ବର୍ତ୍ତମାନକୁ ନେଇ ଜୟଦେବ ଭବନଠାରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ



ରଥଯାତ୍ରା ଅବସରରେ ଭୋଳାନାଥ ବିଦ୍ୟାପୀଠ, ପୁରୀରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଏବଂ ରାଜ୍ୟ ସରକାରଙ୍କ ବିକାଶ ଧାରା ଉପରେ ପର୍ଯ୍ୟବେଶିତ ଫଟୋଚିତ୍ର ପ୍ରଦର୍ଶନୀ



ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଗାନ୍ଧୀ ସ୍ମୃତି ପୀଠ, ତେଲେଙ୍ଗାପେଣ୍ଠ ଏବଂ ଜୟଦେବ ଭବନ, ଭୁବନେଶ୍ୱରରେ ଆୟୋଜିତ 'ଓଡିଶାରେ ଗାନ୍ଧୀଜୀ' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ



ଜାତୀୟ ପ୍ରେସ୍ ଦିବସ ଅବସରରେ ଜୟଦେବ ଭବନ, ଭୁବନେଶ୍ୱରରେ ଆୟୋଜିତ ସମ୍ବାଦପତ୍ର ପ୍ରଦର୍ଶନୀ



ଭାରତ ରତ୍ନ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ



ଡଃ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଏବଂ ପୁଣ୍ୟତିଥି ଅବସରରେ ଯଥାକ୍ରମେ ରବୀନ୍ଦ୍ର ମଣ୍ଡପ ଏବଂ ଶହୀଦ ସ୍ମାରକୀ ଓ ସ୍ୱାଧୀନତା ସଂଗ୍ରାମୀ ଭବନ ପରିସରରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ



ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଜୟଦେବ ଭବନ, ଭୁବନେଶ୍ୱରରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ

- ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ପରିସରରେ ଆୟୋଜିତ '**ବିକଶିତ ଭାରତ@୨୦୪୭**' ଶୀର୍ଷକ **୪୩ତମ ଭାରତୀୟ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪**ରେ ଓଡ଼ିଶା ସରକାରଙ୍କ ତରଫରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଂଶଗ୍ରହଣ କରି **ବିଷୟବସ୍ତୁ ବର୍ଗରେ ରୌପ୍ୟ ପଦକ** ହାସଲ କରିଥିଲା ।












- ନୂଆଦିଲ୍ଲୀର ସାଧାରଣତନ୍ତ୍ର ଦିବସ-୨୦୨୫ ଅବସରରେ ୨୬ରୁ ୩୧ ଜାନୁଆରୀ ପର୍ଯ୍ୟନ୍ତ ଲାଲକିଲ୍ଲା ପଡ଼ିଆରେ '**ସ୍ୱର୍ଣ୍ଣିମ ଭାରତ: ଐତିହ୍ୟ ଓ ବିକାଶ**' ଶୀର୍ଷକ ଉପରେ ଆଧାରିତ '**ଦେଖୋ ଅପ୍‌ନା ଦେଶ**' କାର୍ଯ୍ୟକ୍ରମରେ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟ ଓ ବିକାଶ ଉପରେ ଆଲୋକପାତ କରୁଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ ସମ୍ମାନଜନକ '**ଭାରତ ପର୍ବ**' ରେ ପ୍ରଦର୍ଶିତ ହୋଇଥିଲା ।





## ଦୃଶ୍ୟ-ଶ୍ରାବ୍ୟ ପ୍ରଚାର

- **ଦୃଶ୍ୟ-ଶ୍ରାବ୍ୟ କ୍ଷୁଦ୍ର ଭିଡିଓ**

  ଏହି ବିଭାଗ ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ସଂକ୍ଷିପ୍ତ ଅବଧିର ଭିଡିଓ ପ୍ରସ୍ତୁତ କରାଯାଇ ଜାତୀୟ ଓ ଆଞ୍ଚଳିକ ଟିଭି ଚ୍ୟାନେଲ, ଏଆଇଆର ଏବଂ ଏଫ୍‌ଏମ୍ ଚ୍ୟାନେଲ ମାଧ୍ୟମରେ ପ୍ରସାରଣ କରାଯାଇଥିଲା ।

  TVCs : 73 Nos.
  TV Scrolls : 10 Nos.
  L-Shapes : 05 Nos.

- **ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତି**

  ଚଳିତ ଆର୍ଥିକ ବର୍ଷରେ ବିଭାଗ ଦ୍ୱାରା ନିମ୍ନଲିଖିତ ପ୍ରାମାଣିକ ଚଳଚ୍ଚିତ୍ର ଗୁଡିକ ପ୍ରସ୍ତୁତ ହୋଇଥିଲା

  - ରଥଯାତ୍ରା-୨୦୨୪
  - ରଥଯାତ୍ରା-୨୦୨୪ ଅବସରରେ ପୁରୀଠାରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ
  - ବାତ୍ୟା 'ଦାନା'

- ୧୮ତମ ପ୍ରବାସୀ ଭାରତୀୟ ଦିବସ-୨୦୨୫
- ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା-୨୦୨୫

### ➢ ସିଧା ପ୍ରସାରଣ

- ୨୦୨୪-୨୫ ଆର୍ଥିକ ବର୍ଷରେ, ବିଭାଗ ୯୧ ଟି ରାଜ୍ୟସ୍ତରୀୟ ପ୍ରମୁଖ/ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ସିଧା ପ୍ରସାରଣ ବ୍ୟବସ୍ଥା କରିଛି ଏବଂ ବୈଦ୍ୟୁତିକ ଗଣମାଧମ ଜରିଆରେ ଲୋକଙ୍କ ନିକଟରେ ସେସବୁକୁ ପହଞ୍ଚାଇବା ପାଇଁ ସମସ୍ତ ଇଲେକ୍ଟ୍ରୋନିକ୍ସ ଏବଂ ୱେବ୍ ମିଡିଆ ଚ୍ୟାନେଲଗୁଡ଼ିକୁ ଲିଙ୍କ୍ ପ୍ରଦାନ କରିଛି ।




- ବିଭାଗର ସାମାଜିକ ଗଣମାଧମ ପ୍ଲାଟଫର୍ମରେ ମଧ୍ୟ ସେସବୁର ସିଧା ପ୍ରସାରଣ କରାଯାଇଛି ।

## ସାମ୍ବାଦିକ କଲ୍ୟାଣ

➢ ୦୧.୦୯.୨୦୨୪ ରୁ ୩୧.୦୮.୨୦୨୫ ଅବଧି ମଧ୍ୟରେ ସ୍ୱାସ୍ଥ୍ୟ ବୀମା ଓ ଅନ୍ୟାନ୍ୟ ସୁବିଧା ପାଇଁ, **୭,୪୮୬ ଜଣ କାର୍ଯ୍ୟରତ ସାମ୍ବାଦିକ** (ରାଜ୍ୟ + ଦିଲ୍ଲୀ-ଏନସିଆରରେ କାର୍ଯ୍ୟ କରୁଥିବା ଓଡିଶା ଅଧିବାସୀ ସାମ୍ବାଦିକ) ନିଜ ପରିବାର ସଦସ୍ୟଙ୍କ ସହ ଉତ୍ସର୍ଗୀକୃତ ପୋର୍ଟାଲ ମାଧ୍ୟମରେ **ଗୋପବନ୍ଧୁ ସମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା**ରେ ପଞ୍ଜୀକୃତ ହୋଇଛନ୍ତି । **ବୀମାଦେୟ** ବାବଦରେ ବୀମା କମ୍ପାନୀ ନିକଟରେ **ଟ. ୮,୭୭,୩୦,୬୦୭/-** ପୈଠ କରାଯାଇଛି ।

➢ ୨୦୨୪-୨୦୨୫ ଆର୍ଥିକ ବର୍ଷରେ ୮ ଜଣ ମୃତ ସାମ୍ବାଦିକଙ୍କ ଆଇନଗତ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଅର୍ଥରାଶି ପ୍ରଦାନ କରାଯାଇଛି ।

➢ ରାଜ୍ୟସ୍ତରରୁ ୧୨୭ ଜଣ, ମୁକ୍ତବୃତ୍ତିରୁ ୩୭ ଜଣ ଓ ଜିଲ୍ଲାସ୍ତରରୁ ୧୮ ଜଣ ଏହିପରି ୧୮୨ ଜଣ ସାମ୍ବାଦିକଙ୍କ ଅଧିସ୍ୱୀକୃତିକୁ ନବୀକରଣ କରାଯାଇଛି ।

# ପ୍ରକାଶନ

- ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡିଆ ଭାଷାରେ '**ଉତ୍କଳ ପ୍ରସଙ୍ଗ**' ଏବଂ ଇଂରାଜୀରେ '**ଓଡ଼ିଶା ରିଭ୍ୟୁ**' ନାମକ ଦୁଇଟି ଗବେଷଣାମୂଳକ ପତ୍ରିକା ପ୍ରତି ମାସରେ ନିୟମିତ ଭାବେ ପ୍ରକାଶ କରୁଛି ।






- ଏହା ବ୍ୟତୀତ, ବିଭାଗ ପକ୍ଷରୁ ଓଡ଼ିଶାର ୩୮ ଜଣ ବରପୁତ୍ରଙ୍କ ଜୀବନାଦର୍ଶ ସମ୍ବଳିତ ପୁସ୍ତିକା ପ୍ରକାଶନ କରାଯାଇ, ସେମାନଙ୍କ ଜୟନ୍ତୀ ଓ ପୂଣ୍ୟତିଥି ପାଳନ ଅବସରରେ ବଣ୍ଟନ କରାଯାଇଛି
- ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ନିମ୍ନଲିଖିତ ପୁସ୍ତିକା ମଧ୍ୟ ପ୍ରକାଶିତ ହୋଇଛି ।
  - ଶ୍ରୀଜଗନ୍ନାଥ ଭଜନ, ଜଣାଣ ଓ ଚଉତିଶା
  - ପୁରୀ ରଥଯାତ୍ରା ଅବସରରେ ଉଭୟ ଓଡିଆ ଏବଂ ଇରାଜୀ ଭାଷାରେ ସୂଚନା ପୁସ୍ତିକା
  - କେନ୍ଦ୍ରପଡା ବଳଦେବ ଜୀଉଙ୍କ ରଥଯାତ୍ରା ଅବସରରେ ଓଡିଆ ଭାଷାରେ ସୂଚନା ପୁସ୍ତିକା




  - ସରକାରଙ୍କ ଯୋଜନା, କାର୍ଯ୍ୟକ୍ରମ, ସଫଳତା ସମ୍ପର୍କରେ ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ସୂଚୀତ କରିବା ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଓଡ଼ିଆ ଓ ଇଂରାଜୀ ଭାଷାରେ ପୁସ୍ତିକା/ଫୋଲ୍ଡର ଆଦି ପ୍ରକାଶିତ ହୋଇଛି ।



➤ ପୂର୍ବପରି, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ରହୁଥିବା ଓଡ଼ିଆ ଲୋକଙ୍କୁ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ' ପତ୍ରିକାର ଓଡ଼ିଶା ଦିବସ ଓ ରଥଯାତ୍ରା ସଂଖ୍ୟା ବଣ୍ଟନ କରାଯାଇଛି ।

## ଡିଜିଟାଲ ଅଭିଲେଖକରଣ




➤ ୧୯୪୪ ମସିହା ଏପ୍ରିଲ ୭ ତାରିଖରୁ ପ୍ରକାଶିତ "ଉତ୍କଳ ପ୍ରସଙ୍ଗ" ଏବଂ "ଓଡ଼ିଶା ରିଭ୍ୟୁ"କୁ ବିଶ୍ୱର କୋଣ-ଅନୁକୋଣରେ ଥିବା ପାଠକମାନଙ୍କ ପାଇଁ ଏହାର ଡିଜିଟାଲ ସଂସ୍କରଣକୁ ନିୟମିତ ଭାବେ ପ୍ରତ୍ୟେକ ମାସରେ ସୂଚନା ଏବଂ ଲୋକସମ୍ପର୍କ ବିଭାଗର ୱେବସାଇଟ୍ ମାଧ୍ୟମରେ ଉପଲବ୍ଧ କରାଯାଉଛି ।

| ଉତ୍କଳ ପ୍ରସଙ୍ଗ | | | | | | | | | |
|---|---|---|---|---|---|---|---|---|---|
| ୧୯୫୦ | ୧୯୫୪ | ୧୯୫୫ | ୧୯୫୬ | ୧୯୫୮ | ୧୯୫୯ | ୧୯୬୦ | ୧୯୬୧ | ୧୯୬୩ | ୧୯୬୪ |
| ୧୯୬୫ | ୧୯୬୬ | ୧୯୬୭ | ୧୯୬୮ | ୧୯୬୯ | ୧୯୭୦ | ୧୯୭୧ | ୧୯୭୨ | ୧୯୭୩ | ୧୯୭୪ |
| ୧୯୭୫ | ୧୯୭୬ | ୧୯୭୭ | ୧୯୭୮ | ୧୯୭୯ | ୧୯୮୦ | ୧୯୮୧ | ୧୯୮୨ | ୧୯୮୩ | ୧୯୮୪ |
| ୧୯୮୫ | ୧୯୮୬ | ୧୯୮୭ | ୧୯୮୮ | ୧୯୮୯ | ୧୯୯୦ | ୧୯୯୧ | ୧୯୯୨ | ୧୯୯୩ | ୧୯୯୪ |
| ୧୯୯୫ | ୧୯୯୬ | ୧୯୯୭ | ୧୯୯୮ | ୧୯୯୯ | ୨୦୦୦ | ୨୦୦୧ | ୨୦୦୨ | ୨୦୦୩ | ୨୦୦୪ |
| ୨୦୦୫ | ୨୦୦୬ | ୨୦୦୭ | ୨୦୦୮ | ୨୦୦୯ | ୨୦୧୦ | ୨୦୧୧ | ୨୦୧୨ | ୨୦୧୩ | ୨୦୧୪ |
| ୨୦୧୫ | ୨୦୧୬ | ୨୦୧୭ | ୨୦୧୮ | ୨୦୧୯ | ୨୦୨୦ | ୨୦୨୧ | ୨୦୨୨ | ୨୦୨୩ | ୨୦୨୪ |

| ODISHA REVIEW | | | | | | | | | |
|---|---|---|---|---|---|---|---|---|---|
| 1944 | 1945 | 1946 | 1948 | 1949 | 1956 | 1957 | 1959 | 1960 | 1961 |
| 1962 | 1963 | 1964 | 1965 | 1966 | 1967 | 1968 | 1969 | 1970 | 1971 |
| 1972 | 1973 | 1974 | 1975 | 1976 | 1977 | 1978 | 1979 | 1980 | 1981 |
| 1982 | 1983 | 1984 | 1985 | 1986 | 1987 | 1988 | 1989 | 1990 | 1991 |
| 1992 | 1993 | 1994 | 1995 | 1996 | 1997 | 1998 | 1999 | 2000 | 2001 |
| 2002 | 2003 | 2004 | 2005 | 2006 | 2007 | 2008 | 2009 | 2010 | 2011 |
| 2012 | 2013 | 2014 | 2015 | 2016 | 2017 | 2018 | 2019 | 2020 | 2021 |
| 2022 | 2023 | 2024 | | | | | | | |

➤ ବିଭାଗ ଦ୍ୱାରା ପ୍ରସ୍ତୁତ ଦୁଇଟି ପୁରାତନ ଓ ମୂଲ୍ୟବାନ ଚଳଚ୍ଚିତ୍ର '**ଶ୍ରୀମନ୍ଦିର ସୁରକ୍ଷା**' ଓ '**ବକ୍ସି ଜଗବନ୍ଧୁ**'କୁ ପୁନରୁଦ୍ଧାର କରାଯାଇ, ଡିଜିଟାଲ ଫର୍ମାଟରେ ରୂପାନ୍ତରିତ କରାଯାଇଛି ।

➤ ବିଭାଗରେ ଉପଲବ୍ଧ ୧୨,୩୮,୫୫୭ଟି ଫଟୋ ନେଗେଟିଭ୍, ୪,୩୪୧ଟି ଭିଡିଓ କ୍ୟାସେଟ୍, ୧୧୫ଟି ଫିଲ୍ମ ଏବଂ ଅନ୍ୟାନ୍ୟ ସମସ୍ତ ଦୃଶ୍ୟ-ଶ୍ରାବ୍ୟ ସାମଗ୍ରୀର ପୁନରୁଦ୍ଧାର କରାଯାଇ ଡିଜିଟାଇଜେସନ୍ ଏବଂ ଅଭିଲେଖକରଣ ପାଇଁ ପଦକ୍ଷେପ ଆରମ୍ଭ ହୋଇଛି ।

## ମୁଦ୍ରିତ ଗଣମାଧ୍ୟମକୁ ବିଜ୍ଞାପନ

➤ ଓଡ଼ିଶା ସରକାରଙ୍କ ବିଜ୍ଞାପନ ନୀତି-୧୯୯୮ ଅନୁଯାୟୀ ପ୍ରକାଶନ ଉଦ୍ଦେଶ୍ୟରେ ମୁଦ୍ରିତ ଗଣମାଧ୍ୟମ ସଂସ୍ଥା ଗୁଡ଼ିକୁ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା, ନୀତି, କାର୍ଯ୍ୟକ୍ରମ, ବିଜ୍ଞାପନ ଲେଖା/ବିଷୟ ଆଧାରିତ ସରକାରୀ ବିଜ୍ଞାପନ ପ୍ରେରଣ କରାଯାଉଛି । ବିଜ୍ଞାପନ ପ୍ରକାଶ ପାଇଁ ନୋଡାଲ ଏଜେନ୍ସି ଭାବରେ ବିଭାଗ ବିଭିନ୍ନ ସରକାରୀ ବିଭାଗରୁ ଅନଲାଇନରେ ଅନୁରୋଧ ଗ୍ରହଣ କରୁଛି ଏବଂ ନିର୍ଦ୍ଧାରିତ ସଫ୍ଟୱେର ବ୍ୟବହାର କରି ଏହାକୁ ପ୍ରେରଣ କରୁଛି । ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରଣୀତ ୟୁନିକ୍ କୋଡ୍ ସିଷ୍ଟମ୍ ଯୋଗୁଁ ପ୍ରଦାନ କରାଯାଇଥିବା ବିଜ୍ଞାପନ ଗୁଡିକର ବାସ୍ତବ ସ୍ଥିତି ଯାଞ୍ଚ କରାଯାଉଛି ।



➤ ୨୦୨୪-୨୦୨୫ ଆର୍ଥିକ ବର୍ଷରେ ପ୍ରମୁଖ ଯୋଜନା, କଲ୍ୟାଣକାରୀ କାର୍ଯ୍ୟକ୍ରମ, ସରକାରୀ ନୀତି ଏବଂ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଶୁଭେଚ୍ଛା ବାର୍ତ୍ତା ଉପରେ **୪୮୬ଟି ପ୍ରଦର୍ଶନ ବିଜ୍ଞାପନ** ପ୍ରକାଶିତ ହୋଇଛି

➤ ୨୦୨୪-୨୦୨୫ ଆର୍ଥିକ ବର୍ଷରେ **୨୩୯ଟି ଭୂମି ଅଧିଗ୍ରହଣ ବିଜ୍ଞାପନ** ପ୍ରକାଶିତ ହୋଇଛି

ରେଳ ମନ୍ତ୍ରଣାଳୟ
(ପୂର୍ବ ତଟ ରେଳପଥ)
ବିଜ୍ଞପ୍ତି
ଭୁବନେଶ୍ୱର ୨୫ ନଭେମ୍ବର ୨୦୨୪
**ରେଳ ଅଧିନିୟମ, ୧୯୮୯ ର ଧାରା ୨୦ (E) ଅନୁଯାୟୀ ବିଜ୍ଞପ୍ତି**

କା. ଆ. 5076 (E)ଯେତେବେଳେ କି, ଭାରତ ସରକାର ଙ୍କ ବିଜ୍ଞପ୍ତି ଅନୁଯାୟୀ ରେଳ ମନ୍ତ୍ରଣାଳୟ (ପୂର୍ବ ତଟ ରେଳବାଇ, ନିର୍ମାଣ ସଂଗଠନ), କ୍ରମିକ ସଂଖ୍ୟା 3672 (E)୧୭ ଅଗଷ୍ଟ, ୨୦୨୩ ତାରିଖ ଗେଜେଟ ଅଫ ଇଣ୍ଡିଆ ରେ ପ୍ରକାଶିତ, ଅସାଧାରଣ, ଭାଗ ୨, ବିଭାଗ ୩ ଉପ-ବିଭାଗ (୨), ୧୭ ଅଗଷ୍ଟ, ୨୦୨୩ ( ପରବର୍ତ୍ତୀ ସମୟରେ ଉକ୍ତ ବିଜ୍ଞପ୍ତି ଭାବରେ କୁହାଯାଏ) ଏବଂ ଉପ ବିଭାଗ (୧) ଅନୁଯାୟୀ ଜାରି କରାଯାଇଥିଲା। ରେଳବାଇ ଅଧିନିୟମ, ୧୯୮୯ (୨୪ ର ୧୯୮୯) ର ଧାରା ୨୦ (A) (ପରବର୍ତ୍ତୀ ସମୟରେ ଉକ୍ତ ଆଇନ ଭାବରେ କୁହାଯାଏ), କାର୍ଯ୍ୟକାରୀ, ରକ୍ଷଣାବେକ୍ଷଣ ଉଦ୍ଦେଶ୍ୟରେ ଉକ୍ତ ବିଜ୍ଞପ୍ତିରେ ସଂଲଗ୍ନ ହୋଇଥିବା ଅନୁଚିରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ବିଶେଷ ରେଳ ପ୍ରକଳ୍ପର ପରିଚାଳନା ଏବଂ କାର୍ଯ୍ୟ, ଯଥା **"ନୂତନ ବାଘୁଆପାଳ ଫ୍ଲାଇ ଓଭର ରେଳଲାଇନ (20 କିଲୋମିଟର) ଏବଂ R.O.H ର ନିର୍ମାଣ"** ଓଡ଼ିଶା ରାଜ୍ୟର ଯାଜପୁର ଜିଲ୍ଲାରେ ଅବସ୍ଥିତ ।

ଏବଂ ଯେତେବେଳେ କି, ଉକ୍ତ ବିଜ୍ଞପ୍ତିର ବିଷୟବସ୍ତୁ ସ୍ଥାନୀୟ ଖବରକାଗଜ ପ୍ରଗତିବାଦୀ (ଭୁବନେଶ୍ୱର ସଂସ୍କରଣ) ତା ୦୭.୦୭.୨୦୨୪ ଏବଂ Times of India (ଭୁବନେଶ୍ୱର ସଂସ୍କରଣ) ତା ୦୭.୦୭.୨୦୨୪ ରେ ଆଇନର ଧାରା ୨୦ (A) ର ଉପ ବିଭାଗ (୪) ଅନୁଯାୟୀ ପ୍ରକାଶିତ ହୋଇଥିଲା ।

ଏବଂ, ଉକ୍ତ ଆଇନ ର ଧାରା ୨୦ (E) ର ଉପଧାରା (୧) ଅନୁଯାୟୀ, ସକ୍ଷମ ଅଧିକାରୀ ଏହାର ରିପୋର୍ଟ୍ କେନ୍ଦ୍ର ସରକାର ଙ୍କ ନିକଟରେ ଦାଖଲ କରିଛନ୍ତି ।

ବର୍ତ୍ତମାନ, ସକ୍ଷମ ଅଧିକାରୀଙ୍କ ରିପୋର୍ଟ୍ ଗ୍ରହଣ କରିବା ପରେ ଏବଂ ଉକ୍ତ ଆଇନର ଧାରା ୨୦ (E) ର ଉପଧାରା (୧) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ବ୍ୟବହାର କାରୀ କେନ୍ଦ୍ର ସରକାର ଏଠାରେ ଘୋଷଣା କରିଛନ୍ତି ଯେ ସଂଲଗ୍ନ ହୋଇଥିବା ଅନୁସୂଚୀ ରେ ଉଲ୍ଲେଖ କରାଯାଇଥିବା ଜମି ଗୁଡିକ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅର୍ଜନ କରାଯିବ ।

ଏବଂ ଆହୁରି ମଧ, ଉକ୍ତ ଆଇନ ର ଧାରା ୨୦ (E)ର ଉପଧାରା (୨) ଅନୁଯାୟୀ, କେନ୍ଦ୍ର ସରକାର ଘୋଷଣା କରିଛନ୍ତି ଯେ ସରକାରୀ ଗେଜେଟ ରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସଂଲଗ୍ନ ଅନୁସୂଚୀ ରେ ଉଲ୍ଲେଖ କରାଯାଇଥିବା ଜମି ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ରେ ରହିବ । ସରକାର ସମସ୍ତ ଘଟଣାବଳୀ ରୁ ମୁକ୍ତ ରହିବେ ।

**ଅନୁସୂଚୀ**

ସ୍ୱତନ୍ତ୍ର ରେଳ ପ୍ରକଳ୍ପ, ଅର୍ଥାତ **"ନୂତନ ବାଘୁଆପାଳ ଫ୍ଲାଇ ଓଭର ରେଳଲାଇନ (20 କିଲୋମିଟର) ଏବଂ R.O.H ର ନିର୍ମାଣ."** ଓଡ଼ିଶା ରାଜ୍ୟର ଯାଜପୁର ଜିଲ୍ଲା ଅନ୍ତର୍ଗତ ଦାନଗଡି ତହସିଲ ଅଧୀନରେ ଥିବା ୫ ଗୋଟି ମୌଜାର ଜମି ଗୁଡିକର ସଂକ୍ଷିପ୍ତ ବିବରଣୀ ।

**ଜିଲ୍ଲାର ନାମ- ଯାଜପୁର ତହସିଲ- ଦାନଗଡି**

| କ୍ରମିକ ସଂଖ୍ୟା | ମୌଜା | ଖାତା ସଂଖ୍ୟା | ଖସରା/ ପ୍ଲଟ୍ ନଂ | ସମୁଦାୟ କ୍ଷେତ୍ର (ହେକ୍ଟରରେ) | ଅଧିଗ୍ରହଣ କ୍ଷେତ୍ର (ହେକ୍ଟରରେ) | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |

➢ ସୁଭଦ୍ରା, ଭାରତର ସ୍ୱାଧୀନତା, ପ୍ରବାସୀ ଭାରତୀୟ ଦିବସ-୨୦୨୫, ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନକ୍ଲେଭ-୨୦୨୫ ଆଦି ବିଭିନ୍ନ ଅବସରରେ ପ୍ରାସଙ୍ଗିକ କାହାଣୀକୁ ନେଇ **୩୭ଟି ଆଲେଖ୍ୟ** ପ୍ରସ୍ତୁତ କରାଯାଇ ପ୍ରକାଶିତ କରାଯାଇଥିଲା ।










## ସାମାଜିକ ଗଣମାଧ୍ୟମ

ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ଉପଲବ୍ଧତା ଆଦିକୁ ନିୟମିତ ଭାବରେ ବିଭାଗର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ପ୍ରତିଫଳିତ ଏବଂ ଅପଡେଟ୍ କରାଯାଇଛି ।.

| | | |
|---|---|---|
| ଟ୍ୱିଟର (ଏକ୍ସ) |   | ୭୮୦K ଅନୁଗାମୀ<br>୧୩.୮ ଲକ୍ଷ ମତାମତ<br>୨୪୬.୮K ଆଗ୍ରହ ପ୍ରକାଶ<br>୧୦୬.୪K ପ୍ରୋଫାଇଲ ଅନୁଧ୍ୟାନ |
| ୟୁଟ୍ୟୁବ |   | ୨୨.୭K ଗ୍ରାହକ<br>୨୦୭K ଭିଡିଓ ଦର୍ଶକ<br>୭.୧୩.୭K ମତାମତ |

| | | |
|---|---|---|
| | | ୧୧୫ଟି ଭିଡିଓ ଅପଲୋଡ୍<br>୩୭ଟି କ୍ଷୁଦ୍ର ଭିଡିଓ ଅପଲୋଡ୍<br>୯୨ଟି କାର୍ଯ୍ୟକ୍ରମର ସିଧା ପ୍ରସାରଣ |
| ଫେସବୁକ |  | ୭୦K ଅନୁଗାମୀ<br>୭.୫୮ ଲକ୍ଷ ତଥ୍ୟ ଅପଲୋଡ୍<br>୧K+ ସାମାଜିକ ତଥ୍ୟ ଅପଲୋଡ୍<br>ମାସିକ ହାରାହାରି ୬୦K ତଥ୍ୟ ଅପଲୋଡ୍ |

## ସୂଚନା କେନ୍ଦ୍ର ଓ ପାଠାଗାର

ଜନସାଧାରଣଙ୍କୁ ପାଠାଗାର ସେବା ଯୋଗାଇବା ପାଇଁ ନୂଆଦିଲ୍ଲୀ, କୋଲକାତା, ଭୁବନେଶ୍ୱରର ଜୟଦେବ ଭବନ ସମେତ ରାଜ୍ୟର ସମସ୍ତ ରାଜସ୍ୱ ଜିଲ୍ଲା ଓ ଉପଖଣ୍ଡ ସଦର ମହକୁମାରେ ମୋଟ ୮୫ଟି ସୂଚନା କେନ୍ଦ୍ର ଓ ପାଠାଗାର କାର୍ଯ୍ୟ କରୁଛି ।









## ଫଟୋ, ଭିଡିଓ ଏବଂ ବାର୍ତ୍ତା ରେକର୍ଡିଂ ସେବା

- ୨୦୨୪-୨୦୨୫ ଆର୍ଥିକ ବର୍ଷରେ, ବିଭାଗର ଫଟୋ ୟୁନିଟ୍ ୨,୭୭୮ ଟି କାର୍ଯ୍ୟକ୍ରମର ଫଟୋ ଉତ୍ତୋଳନ କରିବା ସହିତ ମୁଦ୍ରିତ ଏବଂ ୱେବ୍ ଗଣମାଧ୍ୟମକୁ ଯୋଗାଇ ଦିଆଯାଇଛି
- ସେହିପରି, ଏହି ସମୟ ମଧ୍ୟରେ ବିଭାଗର ଟିଭି ୟୁନିଟ୍ ୯୨୨ ଟି କାର୍ଯ୍ୟକ୍ରମର ଭିଡିଓ ରେକର୍ଡିଂ କରିଛି ଏବଂ ବୈଦ୍ୟୁତିକ ଗଣମାଧ୍ୟମକୁ ଯୋଗାଇଛି
- ବିଭାଗର ରେଡିଓ ୟୁନିଟ୍ ଓଡ଼ିଶା ବିଧାନସଭା ଅଧିବେଶନ ସମେତ ୫୮ ଟି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମର ବାର୍ତ୍ତା ରେକର୍ଡିଂ କରିଛି

## ପ୍ରେସ୍ ସୂଚନା ସେବା

ରାଜ୍ୟ ମୁଖ୍ୟାଳୟରେ କାର୍ଯ୍ୟ କରୁଥିବା ପ୍ରେସ୍ ସୂଚନା ୟୁନିଟ୍ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ କାର୍ଯ୍ୟରତ ସୂଚନା ଅଧିକାରୀ/ଲୋକସମ୍ପର୍କ ଅଧିକାରୀ/ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କ ଜରିଆରେ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକଳାପ ସମ୍ପର୍କିତ ତଥ୍ୟ ବିଭିନ୍ନ ବିଭାଗରୁ ସଂଗ୍ରହ କରି ପ୍ରେସ୍ ନୋଟ୍, ହ୍ୟାଣ୍ଡ-ଆଉଟ୍, ଫିଚର ଆକାରରେ ବିଭିନ୍ନ ଗଣମାଧ୍ୟମ ସଂସ୍ଥାକୁ ପ୍ରଦାନ କରୁଛି ।

➢ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା, ପ୍ରେସ୍ ସୂଚନା ୟୁନିଟ୍ ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସହିତ ସଂଲଗ୍ନ ସୂଚନା ଅଧିକାରୀ/ଲୋକସମ୍ପର୍କ ଅଧିକାରୀ ମାନଙ୍କ ଦ୍ୱାରା ପ୍ରାୟ **୧,୫୦୦ ଖବର/ସଫଳ କାହାଣୀ** ବିଭିନ୍ନ ମୁଦ୍ରିତ/ବୈଦ୍ୟୁତିକ/ୱେବ୍/ସାମାଜିକ ଗଣମାଧ୍ୟମକୁ ପଠାଯାଇଛି ।

➢ ଏହି ସମୟ ମଧ୍ୟରେ, ମାନ୍ୟବର ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀଙ୍କ ଦ୍ୱାରା ୮୬ଟି ଖବର ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ଅଧିକାରୀଙ୍କ ଦ୍ୱାରା ୧୪୮ ଖବର ପ୍ରକାଶ କରାଯାଇଛି ।




➢ ସେହିପରି, ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ କାର୍ଯ୍ୟରତ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ମଧ୍ୟ ସେମାନଙ୍କ ସ୍ତରରେ ବହୁ ସଂଖ୍ୟକ ଖବର ଗଣମାଧ୍ୟମକୁ ପ୍ରଦାନ କରିଛନ୍ତି ।

➢ ଉପରୋକ୍ତ ବ୍ୟତୀତ, ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ଖବର ମଧ୍ୟରୁ **୫,୮୪୨ ଟି ସକାରାତ୍ମକ ଖବର ସମ୍ବଳିତ ସମ୍ବାଦ ପତ୍ରାଂଶ** ଏବଂ **ନକାରାତ୍ମକ ଖବର ପ୍ରତିଫଳିତ କରୁଥିବା ୪,୨୬୭ ଟି ସମ୍ବାଦ ପତ୍ରାଂଶ** ସମ୍ପୃକ୍ତ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଦାଖଲ କରାଯାଇଛି ।



# ସମ୍ପାଦକଙ୍କ ଗୋଲଟେବୁଲ ବୈଠକ

**ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ-୨୦୨୫** ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା '**ସମୃଦ୍ଧ ଓଡିଶା@୨୦୩୬ର ରୂପକଳ୍ପକୁ ବାସ୍ତବତା ପ୍ରଦାନ**' ଶୀର୍ଷକ ବିଷୟବସ୍ତୁ ଆଧାରିତ ଏକ **ସମ୍ପାଦକ ଗୋଲଟେବୁଲ ବୈଠକ** ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା ।



# ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବ୍ୟୟ ବରାଦ ସମ୍ପର୍କିତ ସଂକ୍ଷିପ୍ତ ବିବରଣୀ

ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ମୋଟ ବଜେଟ୍ ଆକଳନ ଟ. ୧୬୧,୦୦,୦୦,୦୦୦/- (ଏକ ଶହ ଏକଷଠି କୋଟି ଟଙ୍କା) ଅଟେ । ସେଥି ମଧ୍ୟରୁ, ପ୍ରଶାସନିକ ଖର୍ଚ୍ଚ ପାଇଁ ୭୫ କୋଟି ଟଙ୍କା ଏବଂ କାର୍ଯ୍ୟକ୍ରମ ଖର୍ଚ୍ଚ ପାଇଁ ୮୬ କୋଟି ଟଙ୍କା ଉଦ୍ଦିଷ୍ଟ

01- ସରକାରଙ୍କ ସଫଳତା କାହାଣୀର ସୂଚନା-ଶିକ୍ଷା-ସଞ୍ଚାର କାର୍ଯ୍ୟକଳାପ ଏବଂ ବିଜ୍ଞାପନ

- ଆର୍ଥିକ ବର୍ଷ ୨୦୨୫-୨୬ରେ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ସରକାରଙ୍କ ସଫଳ କାହାଣୀ ପ୍ରସାରଣ ପାଇଁ ୭ କୋଟି ଟଙ୍କାର ବଜେଟ୍ ପ୍ରସ୍ତାବ ଦିଆଯାଇଛି
- ଆର୍ଥିକ ବର୍ଷ ୨୦୨୫-୨୬ରେ ବର୍ଗୀକୃତ ଏବଂ ପ୍ରଦର୍ଶନ ବିଜ୍ଞାପନ ପାଇଁ ୩ କୋଟି ୩୦ ଲକ୍ଷ ଟଙ୍କା ଏବଂ ଭୂ-ଅଧିଗ୍ରହଣ ବିଜ୍ଞାପନ ପାଇଁ ୪ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି

02- ରାଜ୍ୟ ମୁଖ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟରେ ବିଭିନ୍ନ ଉତ୍ସବର ଆୟୋଜନ

- ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ବିଶିଷ୍ଟ ବ୍ୟକ୍ତିମାନଙ୍କ ଜନ୍ମ ଓ ମୃତ୍ୟୁ ବାର୍ଷିକୀ ଏବଂ ଜାତୀୟ ପ୍ରେସ୍ ଦିବସ ଆୟୋଜନ କରାଯାଇଥାଏ
- ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୪ କୋଟି ୫୦ ଲକ୍ଷ ଟଙ୍କାର ବଜେଟ୍ ପ୍ରସ୍ତାବ ଦାଖଲ କରାଯାଇଛି

03- କାର୍ଯ୍ୟରତ ସାମ୍ବାଦିକଙ୍କ କଲ୍ୟାଣ

- କାର୍ଯ୍ୟରତ ସାମ୍ବାଦିକଙ୍କ କଲ୍ୟାଣ, ପେନସନ ଏବଂ ସ୍ୱାସ୍ଥ୍ୟ ବୀମା ଉଦ୍ଦେଶ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୪ କୋଟି ଟଙ୍କାର ପ୍ରସ୍ତାବ ଉପସ୍ଥାପନ କରାଯାଇଛି

04- ଡିଜିଟାଲ ଡିସପ୍ଲେ ବୋର୍ଡ ଏବଂ ଭିଡିଓ ୱାଲର ସ୍ଥାପନ ଏବଂ ରକ୍ଷଣାବେକ୍ଷଣ

- ଡିଜିଟାଲ ଡିସପ୍ଲେ ବୋର୍ଡ ଏବଂ ଭିଡିଓ ୱାଲର ସ୍ଥାପନ ଏବଂ ରକ୍ଷଣାବେକ୍ଷଣ ପାଇଁ ୧ କୋଟି ଟଙ୍କାର ପ୍ରସ୍ତାବ ଦାଖଲ କରାଯାଇଛି

05- ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥାର ସୁଦୃଢୀକରଣ/କମ୍ପ୍ୟୁଟର ସଫ୍ଟୱେରର ବିକାଶ/ଇ-ଗଭର୍ଣ୍ଣାନ୍ସ/ଇ-ଲାଇବ୍ରେରୀ/ଇ-ପତ୍ରିକା/ସୋସିଆଲ ମିଡିଆ

- ପ୍ରଯୁକ୍ତିବିଦ୍ୟା ଏବଂ କମ୍ପ୍ୟୁଟରୀକରଣ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୭୦ ଲକ୍ଷ ଟଙ୍କାର ଏକ ପ୍ରସ୍ତାବ ଦାଖଲ କରାଯାଇଛି

06- ଜାତୀୟ କାର୍ଯ୍ୟକ୍ରମ ଓ ସ୍ୱତନ୍ତ୍ର ଉତ୍ସବ ଗୁଡ଼ିକରେ ଅଂଶଗ୍ରହଣ

- ପ୍ରତିବର୍ଷ ପରି ଭାରତ ଆନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫ (IITF-2025) ସୂଚନା ଓ ଲୋକସମ୍ପର୍କ ବିଭାଗ ରାଜ୍ୟକୁ ପ୍ରତିନିଧିତ୍ୱ କରିବ
- ୨୦୨୫-୨୬ ବଜେଟରେ ଆଇଆଇଟିଏଫ-୨୦୨୫ ପାଇଁ ୩ କୋଟି ୫୦ ଲକ୍ଷ ଟଙ୍କା ପ୍ରସ୍ତାବିତ କରାଯାଇଛି
- ପ୍ରତିବର୍ଷ ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡରେ ସୂଚନା ଓ ଲୋକସମ୍ପର୍କ ବିଭାଗ ରାଜ୍ୟକୁ ପ୍ରତିନିଧିତ୍ୱ କରେ

➢ ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡ-୨୦୨୬ ପାଇଁ ପ୍ରଜ୍ଞାପନ ମେଢ ପ୍ରସ୍ତୁତ କରିବାକୁ ୨୦୨୫-୨୬ ବଜେଟ ପ୍ରସ୍ତାବରେ ୭୦ ଲକ୍ଷ ଟଙ୍କା ରଖାଯାଇଛି

07- ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପରେ ପ୍ରାମାଣିକ ଚଳଚ୍ଚିତ୍ର/ଆମ କଥା, ଓଡ଼ିଶା କଥାର ପ୍ରସାରଣ/ଦୃଶ୍ୟ- ଶ୍ରାବ୍ୟ ପ୍ରଚାର ପ୍ରଣାଳୀର ଆଧୁନିକୀକରଣ

➢ ୨୦୨୫-୨୬ ଆର୍ଥିକ ବର୍ଷରେ, ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପରେ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି

➢ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ 'ଆମ କଥା, ଓଡ଼ିଶା କଥା' ଶୀର୍ଷକରେ ଟିଭି ଚ୍ୟାନେଲ ମାଧ୍ୟମରେ ପ୍ରସାରଣ କରାଯାଉଛି

➢ ବିଭିନ୍ନ ବୈଷୟିକ ୟୁନିଟର ଅଡିଓ ଭିଜୁଆଲ୍ ପ୍ରଚାର ବ୍ୟବସ୍ଥାକୁ ଆଧୁନିକୀକରଣ କରାଯିବ

➢ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଏହି କାର୍ଯ୍ୟକ୍ରମ ଗୁଡ଼ିକ ପାଇଁ ୧ କୋଟି ୪୦ ଲକ୍ଷ ଟଙ୍କାର ପ୍ରସ୍ତାବ ଦାଖଲ କରାଯାଇଛି

08- ତଥ୍ୟ ବ୍ୟାଙ୍କ, ଫଟୋ ଅଭିଲେଖକରଣ, ସୂଚନା ଅଧିକାର ପୋର୍ଟାଲ ସର୍ଭର

➢ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ବଳିତ ଫଟୋ/ଭିଡିଓ/ଚଳଚ୍ଚିତ୍ର ଗୁଡିକର ସଂରକ୍ଷଣ କରିବା ଆବଶ୍ୟକ

➢ ଏଥିପାଇଁ ଏକ ଚଳଚ୍ଚିତ୍ର ଅଭିଲେଖାଗାର ପ୍ରତିଷ୍ଠା ସହିତ ସୂଚନା ଅଧିକାର ପୋର୍ଟାଲ ସର୍ଭରକୁ ବିକଶିତ କରିବାକୁ ନିଷ୍ପତ୍ତି ନିଆଯାଇଛି

➢ ଏହି କାର୍ଯ୍ୟକ୍ରମ ପାଇଁ ୧୦ କୋଟି ୪୯ ଲକ୍ଷ ୫୦ ହଜାର ଟଙ୍କାର ପ୍ରସ୍ତାବ ରଖାଯାଇଛି

09- ଜିଲ୍ଲା/ରାଜ୍ୟ ମୁଖ୍ୟାଳୟ ପାଇଁ ଜନ ସମ୍ବୋଧନ ଯନ୍ତ୍ରପାତି ଏବଂ ଦୃଶ୍ୟ-ଶ୍ରାବ୍ୟ ଉପକରଣ କ୍ରୟ

➢ ଟିଆରଏସ୍ ର ପରିମାଣ। ଜିଲ୍ଲା/ରାଜ୍ୟ ମୁଖ୍ୟାଳୟ ପାଇଁ ପି.ଏ. ସିଷ୍ଟମ ଏବଂ ଦୃଶ୍ୟ-ଶ୍ରାବ୍ୟ ଉପକରଣ କ୍ରୟ ପାଇଁ ୩୫ ଲକ୍ଷ ଟଙ୍କା ରଖାଯାଇଛି

10- ଫିଲ୍ମ, ଟିଭି, ଫଟୋ ଏବଂ ରେଡିଓ ୟୁନିଟର ଫିଲ୍ମ ଉପକରଣ/କ୍ୟାମେରା/ଟିଭି/ଭିଡିଓ କଭରେଜ୍ କ୍ରୟ ଏବଂ ରକ୍ଷଣାବେକ୍ଷଣ

➢ ଫିଲ୍ମ ଉପକରଣ, କ୍ୟାମେରା, ଟିଭି କ୍ରୟ ଓ ରକ୍ଷଣାବେକ୍ଷଣ ଏବଂ ଫିଲ୍ମ, ଟିଭି, ଭିଡିଓ କଭରେଜ୍ ପାଇଁ ୧ କୋଟି ୭ ଲକ୍ଷ ୪୫ ହଜାର ଟଙ୍କା ରଖାଯାଇଛି

11- ଫିଲ୍ମ, ଟିଭି ଓ ଫଟୋ ୟୁନିଟ ବୈଷୟିକ ଶାଖା/ଓ.ସୂ.ସେ. ଅଧିକାରୀମାନଙ୍କ ତାଲିମ

➢ ସୂଚନା ଓ ଲୋକସମ୍ପର୍କ ବିଭାଗର ବୈଷୟିକ ବ୍ୟକ୍ତିମାନଙ୍କ ତାଲିମ ପାଇଁ ୫ ଲକ୍ଷ ୫୦ ହଜାର ଟଙ୍କା ରଖାଯାଇଛି

12- ସୂଚନା କେନ୍ଦ୍ର ଓ ପାଠାଗାର

➢ ପୁସ୍ତକ, ପତ୍ରପତ୍ରିକା ଏବଂ ଖବରକାଗଜ କ୍ରୟ ପୂର୍ବକ ସୂଚନା କେନ୍ଦ୍ର ଓ ପାଠାଗାର ଗୁଡିକୁ ସୁଦୃଢ଼ କରିବା ସହିତ ସେଗୁଡ଼ିକର ପୁନରୁଦ୍ଧାର କରିବା ପାଇଁ ୩୦ ଲକ୍ଷ ଟଙ୍କା ରଖାଯାଇଛି

13- ଜିଲ୍ଲା ମୁଖ୍ୟାଳୟ ଗୁଡିକରେ ମାନ୍ୟବର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପ୍ରାଧୀକୃତ ଫଟୋଗ୍ରାଫର ଏବଂ ଜନ ସମ୍ବୋଧନ ଯନ୍ତ୍ରପାତି ବ୍ୟବସ୍ଥା

➢ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୧୬ ଲକ୍ଷ ୫୦ ହଜାର ଟଙ୍କା ରଖାଯାଇଛି

14- ରାଜ୍ୟ ମୁଖ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟରେ ପ୍ରଦର୍ଶନୀ

- ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ଏବଂ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଜୀବନୀ ଉପରେ ରାଜ୍ୟ ମୁଖ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟରେ ବିଭିନ୍ନ ପ୍ରଦର୍ଶନୀ ଆୟୋଜନ କରାଯାଉଛି
- ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୧ କୋଟି ୫୦ ଲକ୍ଷ ଟଙ୍କାର ପ୍ରସ୍ତାବ ଦାଖଲ କରାଯାଇଛି

15- ଖବରକାଗଜ ଦେୟ ଏବଂ ଜୟଦେବ ଭବନରେ ଲାଇଭ୍ ନ୍ୟୁଜ୍ ପାଇଁ ଏଲ୍.ସି.ଡି. ମନିଟର ସ୍ଥାପନ

- ୨୦୨୫-୨୬ରେ ଖବରକାଗଜ କ୍ରୟ ଏବଂ LCD ମନିଟର ସ୍ଥାପନ ପାଇଁ ହେବାକୁ ଥିବା ଖର୍ଚ୍ଚ ବାବଦରେ ବଜେଟ୍ ପ୍ରସ୍ତାବରେ ୧୬ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ

16- ଗଣମାଧ୍ୟମ ସମ୍ପର୍କ ଏବଂ ସାମ୍ବାଦିକ ସମ୍ମିଳନୀ

- ଗଣମାଧ୍ୟମ ସମ୍ପର୍କ ଏବଂ ସାମ୍ବାଦିକ ସମ୍ମିଳନୀ ଆୟୋଜନ ଉଦ୍ଦେଶ୍ୟରେ ହେବାକୁ ଥିବା ଖର୍ଚ୍ଚ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷ ବଜେଟରେ ୨୦ ଲକ୍ଷ ଟଙ୍କା ପ୍ରସ୍ତାବିତ ହୋଇଛି

17- ଜାତୀୟ ପ୍ରେସ୍ ଦିବସ

- ଜାତୀୟ ପ୍ରେସ୍ ଦିବସ ଆୟୋଜନ ପାଇଁ ୨୦୨୫-୨୬ ବଜେଟ୍ ପ୍ରସ୍ତାବରେ ୧୦ ଲକ୍ଷ ଟଙ୍କା ରଖାଯାଇଛି

18- ନିର୍ମାଣ କାର୍ଯ୍ୟ

- ୨୦୨୫-୨୬ ବଜେଟ୍ ପ୍ରସ୍ତାବରେ ସୂଚନା ଓ ଲୋକସମ୍ପର୍କ ବିଭାଗ, ଜୟଦେବ ଭବନ, ଗୀତ ଗୋବିନ୍ଦ ସଦନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସରକାରୀ କୋଠା ନିର୍ମାଣ ଓ ନବୀକରଣ ପାଇଁ ୪ କୋଟି ୫୦ ଲକ୍ଷ ଟଙ୍କା ପ୍ରସ୍ତାବ ଅନ୍ତର୍ଭୁକ୍ତ ହୋଇଛି

# ୨୦୨୩-୨୪, ୨୦୨୪-୨୫ ଏବଂ ୨୦୨୫-୨୬ ବ୍ୟୟ ବରାଦର ତୁଳନାତ୍ମକ ବିବରଣୀ

ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରତ୍ୟକ୍ଷ ଭାବେ ସଚିବାଳୟ ପ୍ରଶାସନ ଅଧୀନରେ ରହିଛି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟକ୍ରମ ଓ ପ୍ରଶାସନିକ ବ୍ୟୟ ସମେତ ବିଭାଗର ସାମଗ୍ରିକ ଅନୁଦାନ ଦାବି ଟ. ୧,୬୧,୦୦,୦୦୦/- । ଏହା ବିଭାଗର ଅନୁଦାନ ଦାବି ସଂ. ୨୫ ଅଧୀନରେ ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ହେବାକୁ ଯାଉଛି ।

(କୋଟି ଟଙ୍କାରେ)

## ପ୍ରଶାସନିକ ବ୍ୟୟ

| ପ୍ରମୁଖ ଶୀର୍ଷ | ବଜେଟ ଅଟକଳ ୨୦୨୩-୨୪ | ସଂଶୋଧିତ ଅଟକଳ ୨୦୨୩-୨୪ | ୩୧.୦୩.୨୦୨୪ ସୁଦ୍ଧା ବ୍ୟୟ | ବଜେଟ ଅଟକଳ ୨୦୨୪-୨୫ | ସଂଶୋଧିତ ଅଟକଳ ୨୦୨୪-୨୫ | ୧୩.୦୨.୨୦୨୫ ସୁଦ୍ଧା ବ୍ୟୟ | ବଜେଟ ଅଟକଳ ୨୦୨୫-୨୬ |
|---|---|---|---|---|---|---|---|
| ୨୨୨୦ | ୪୬,୪୩,୨୭ | ୪୭,୧୧,୧୦ | ୩୩,୬୯,୪୦ | ୫୨,୦୭,୪୭ | ୫୩,୧୪,୭୫ | ୩୧,୧୧,୧୨ | ୫୩,୫୫,୭୫ |
| ୨୨୫୧ | ୧୯,୩୨,୦୦ | ୨୦,୨୨,୦୪ | ୧୧,୯୨,୩୫ | ୧୮,୨୬,୪୩ | ୧୮,୪୨,୩୧ | ୧୧,୫୧,୯୨ | ୨୧,୪୨,୨୫ |
| ମୋଟ | ୬୫,୭୫,୨୭ | ୬୭,୩୩,୧୪ | ୪୫,୬୧,୭୪ | ୭୦,୩୩,୯୦ | ୭୧,୫୭,୦୬ | ୪୨,୬୩,୦୪ | ୭୪,୯୮,୦୦ |
| ନିର୍ଦ୍ଦେଶିତ | ୨,୦୦ | ୨,୦୦ | --- | ୨,୦୦ | ୨,୦୦ | --- | ୨,୦୦ |
| ସର୍ବମୋଟ | ୬୫,୭୭,୫୭ | ୬୭,୩୫,୧୪ | ୪୫,୬୧,୭୫ | ୭୦,୩୫,୯୦ | ୭୧,୫୯,୦୬ | ୪୨,୬୩,୦୪ | ୭୫,୦୦,୦୦ |

## କାର୍ଯ୍ୟକ୍ରମ ବ୍ୟୟ

| ପ୍ରମୁଖ ଶୀର୍ଷ | ବଜେଟ ଅଟକଳ ୨୦୨୩-୨୪ | ସଂଶୋଧିତ ଅଟକଳ ୨୦୨୩-୨୪ | ୩୧.୦୩.୨୦୨୪ ସୁଦ୍ଧା ବ୍ୟୟ | ବଜେଟ ଅଟକଳ ୨୦୨୪-୨୫ | ସଂଶୋଧିତ ଅଟକଳ ୨୦୨୪-୨୫ | ୧୩.୦୨.୨୦୨୫ ସୁଦ୍ଧା ବ୍ୟୟ | ବଜେଟ ଅଟକଳ ୨୦୨୫-୨୬ |
|---|---|---|---|---|---|---|---|
| ୨୨୨୦ | ୬୪,୦୯,୯୯ | ୧୧୨,୬୧,୭୨ | ୧୦୦,୬୦,୨୯ | ୭୧,୪୧,୯୯ | ୧୦୧,୫୫,୯୯ | ୭୦,୬୨,୭୩ | ୭୬,୨୯,୯୯ |
| ୨୨୫୦ | ୩,୪୦,୦୧ | ୩,୭୫,୨୮ | ୩,୫୯,୩୦ | ୪,୯୦,୦୧ | ୫,୨୦,୦୧ | ୨,୫୧,୫୮ | ୫,୨୦,୦୧ |
| ୪୦୫୯ | ୪,୫୦,୦୦ | ୪,୫୦,୦୦ | ୪,୨୪,୫୧ | ୯,୫୦,୦୦ | ୯,୫୦,୦୦ | ୪୯,୯୬ | ୪,୫୦,୦୦ |
| ମୋଟ | ୭୨,୦୦,୦୦, | ୧୨୦,୮୭,୦୦ | ୧୦୮,୪୪,୧୦ | ୮୫,୮୨,୦୦ | ୧୧୬,୨୬,୦୦ | ୭୩,୫୪,୨୭ | ୮୬,୦୦,୦୦ |

## ମୋଟ ପ୍ରଶାସନିକ ଓ କାର୍ଯ୍ୟକ୍ରମ ବ୍ୟୟ

| | | | | | | | |
|---|---|---|---|---|---|---|---|
| ମୋଟ ପ୍ରଶାସନିକ ଓ କାର୍ଯ୍ୟକ୍ରମ ବ୍ୟୟ | ୧୩୭,୭୭୨୭ (୨,୦୦ ନିର୍ଦ୍ଦେଶିତ ସମେତ) | ୧୮୮,୨୨,୧୪ (୨,୦୦ ନିର୍ଦ୍ଦେଶିତ ସମେତ) | ୧୫୪,୦୫,୮୫ | ୧୫୬,୭୭,୯୦ (୨,୦୦ ନିର୍ଦ୍ଦେଶିତ ସମେତ) | ୧୮୭,୮୫,୦୬ (୨,୦୦ ନିର୍ଦ୍ଦେଶିତ ସମେତ) | ୧୧୬,୨୭,୩୧ | ୧୬୧,୦୦,୦୦ (୨,୦୦ ନିର୍ଦ୍ଦେଶିତ ସମେତ) |

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡିଶା ସରକାର